# ଓଡ଼ିଶା ସାହିତ୍ୟ ଏକାଡେମୀ
# ସମାଚାର
Orissa Sahitya Akademi Samachar

16th Issue : January - March 2009

ସଂଖ୍ୟା ୧୬ : ଜାନୁଆରୀ – ମାର୍ଚ୍ଚ ୨୦୦୯


# କବିତା ଏକ ସୂକ୍ଷ୍ମ ଓ ଜଟିଳ କଳା




କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ତା ୩୧ ମାର୍ଚ୍ଚ ୨୦୦୯ ରିଖ ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ 'କବି ଓ କବିତା' ଶୀର୍ଷକ ଏକ ମନୋଜ୍ଞ ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଅଛି। ଉଦ୍‌ଘାଟକ ଭାବରେ ବିଶିଷ୍ଟ କବି ସୌଭାଗ୍ୟ କୁମାର ମିଶ୍ର ଏଥିରେ ଯୋଗଦେଇ ଭଲ କବିତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ସେ ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ ଯେ, ଏଣୁ ତେଣୁ ଯାହା ଲେଖିଦେଲେ ତାହା କବିତା ପଦବାଚ୍ୟ ହେବ ନାହିଁ । କବିମାନେ କବିତା ରଚନା କରିବା ପାଇଁ ଯେଉଁ ଶ୍ରମ ଓ ଅନୁଭୂତିର ଆବଶ୍ୟକ ସେଥିପ୍ରତି ଗୁରୁତ୍ୱ ଦେଲେ କବି ଓ ପାଠକ ମଧ୍ୟରେ ସମନ୍ୱୟର ସେତୁ ହୋଇ କବିତା କାଳଜୟୀ ହୋଇପାରିବ । ସଭା ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଛା ପଟନାୟକ ମାତ୍ର କେଇଘଣ୍ଟା ପୂର୍ବରୁ ଏହି ଉତ୍ସବର ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରାଯାଇଥିଲେ ସୁଦ୍ଧା ଓଡ଼ିଆ କାବ୍ୟ ଜଗତର ପଥିତଯଶା ସାଧକମାନେ ଯେଉଁଭଳି ଭାବରେ ଉତ୍ସବରେ ଉପସ୍ଥିତ ହେଲେ ତାହା ତାଙ୍କର ଓଡ଼ିଆ କବିତା ପ୍ରତି ପ୍ରତିବଦ୍ଧତା ଏବଂ ଏକାଡେମୀ ପ୍ରତି ଶ୍ରଦ୍ଧା ବୋଲି ଅଭିହିତ କରିଥିଲେ। ଅତୀତରେ ଯେତେସବୁ କବିତା ପାଠୋତ୍ସବର ଆୟୋଜନ କରାଯାଇଛି ଏହି କବି ଓ କବିତା ସମାବେଶଟି ନିଆରା ବୋଲି ବର୍ଣ୍ଣନା କରି ସେ କହିଥିଲେ ଯେ, 'କବିତା ଏକ ସୂକ୍ଷ୍ମ ଓ ଜଟିଳ କଳା'। ପ୍ରତ୍ୟେକ କବି ଏକ ସ୍ୱୟଂସମ୍ପୂର୍ଣ୍ଣ ପରିଚୟର ଅଧିକାରୀ। କବିତାର ସଂଜ୍ଞା ଯେପରି ଜଟିଳ ସେପରି କବିର ପରିଚୟ ମଧ୍ୟ ଜଟିଳ। ତେଣୁ ଜଣେ କବି ସ୍ୱାଧୀନ ଭାବରେ, କୁଣ୍ଠାହୀନ ଓ ଭୟବିହୀନ ଜୀବନଯାପନ କରିବା ଆବଶ୍ୟକ। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଂଡା ତାଙ୍କ ଭାଷଣ ପ୍ରସଙ୍ଗରେ ଯୁବପିଢ଼ିର ସ୍ରଷ୍ଟା ଯେଉଁ କବିତା ରଚନା କରୁଛନ୍ତି ତାହା ଅତ୍ୟନ୍ତ ପ୍ରଭାବଶାଳୀ ଓ ତଥାକଥିତ କବିତାର ଧାରାକୁ ପରିବର୍ତ୍ତନ କରିବାକୁ ସମର୍ଥ ବୋଲି ପ୍ରକାଶ କରିଥିଲେ । ତରୁଣ ବୟସରେ ସେ ରଚନା କରିଥିବା ଗୋଟିଏ ମର୍ମସ୍ପର୍ଶୀ କବିତା ପାଠ କରି ତାଙ୍କ ବକ୍ତବ୍ୟ କବିତାରେ ହିଁ ସମାପ୍ତ କରିଥିଲେ । ଉତ୍ସବରେ ଅଧ୍ୟକ୍ଷତା କରି କବୀ ଡକ୍ଟର ପ୍ରତିଭା ଶତପଥୀ ଓଡ଼ିଆ କବିତାର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସୁଲଳିତ ସ୍ୱରରେ ବଂଶୀ ଓ ତବଲାର ଯୁଗଳବନ୍ଦୀ ପରିବେଷଣ କରିଥିଲେ। ପ୍ରଖ୍ୟାତ ରହସ୍ୟବାଦୀ କବି ବୈକୁଣ୍ଠନାଥଙ୍କ ରଚନାରୁ ''ଜୀବନପାତ୍ର ମୋ ଭରିଛ କେତେମତେ'' ଗୀତଟିକୁ ଗାୟନ କରିଥିଲେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ଶ୍ରୀ ରାମହରି ଦାସ । ଏଥିରେ ସମ୍ମାନନୀୟ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭ୍ୟ ଡକ୍ଟର ବିଭୂତି ପଟ୍ଟନାୟକ ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଶାରେ ଆୟୋଜନ କରାଯିବାକୁ ଥିବା କେତେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରି ଓଡ଼ିଆ କବିତା ଆଜି ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସାଭାଜନ ହୋଇପାରିଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ୟତମ ସଦସ୍ୟ ଶ୍ରୀ ସାତକଡ଼ି ହୋତା ଉତ୍ସବରେ ଉପସ୍ଥିତ କବିମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ଖୁବ୍ କମ୍ ସମୟରେ ଏହିଭଳି ଏକ ମନୋଜ୍ଞ ଉତ୍ସବର ଆୟୋଜନ କରିପାରିଥିବାରୁ ଶ୍ରୀ ହୋତା ଏକାଡେମୀକୁ ଧନ୍ୟବାଦ ଜଣାଇଥିଲେ । ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ତାଙ୍କ ବକ୍ତବ୍ୟରେ କବିତାକୁ ସୁରମ୍ୟକଳା ଭାବରେ ଅଭିହିତ କରି ଯେଉଁମାନେ ଏହି କଷ୍ଟସାଧ୍ୟ କଳାକୁ ଆୟତ୍ତ କରିଛନ୍ତି ସେମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

କବି ଓ କବିତା ସାରସ୍ୱତ ଆସରରେ ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, ଫନୀ ମହାନ୍ତି, ଆଶୁତୋଷ ପରିଡ଼ା, ପ୍ରସନ୍ନ ମିଶ୍ର, ଅମରେଶ ପଟ୍ଟନାୟକ, ହରିହର ମିଶ୍ର, ପ୍ରତିଭା ଶତପଥୀ, ବିପିନ୍ ନାୟକ, ଭଗବାନ ଜୟସିଂହ, ପ୍ରସନ୍ନ ମହାନ୍ତି, ଅପର୍ଣ୍ଣା ମହାନ୍ତି, ଉପେନ୍ଦ୍ର ପ୍ରସାଦ ନାୟକ, ସରୋଜିନୀ ଷଡ଼ଙ୍ଗୀ, ସଂଗ୍ରାମ ଜେନା, ଦୀପକ ସାମନ୍ତରାୟ, ଅମିୟବାଳା ପଟ୍ଟନାୟକ, ପ୍ରମୋଦ ମହାନ୍ତି, ହୃଷୀକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ଶୈଳଜ ରବି, ସୁନୀଲ କୁମାର ପୃଷ୍ଟି, କେଦାର ମିଶ୍ର, ସରୋଜ ବଳ, ଦେବପ୍ରିୟ ପ୍ରିୟଦର୍ଶୀଚକ୍ର, ଶୁଭ୍ରାଂଶୁ ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ, ଶକ୍ତି ମହାନ୍ତି ଓ ସୁନନ୍ଦା ପ୍ରଧାନ ପ୍ରମୁଖ ପ୍ରବୀଣ ଓ ତରୁଣ କବିମାନେ କବିତା ପାଠ କରିଥିଲେ।

## ପୁରୀରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ

# 'ମହାପ୍ରଭୁ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠ କବି'



ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶବର୍ଷ ପୂର୍ତ୍ତୀ ସୁବର୍ଣ୍ଣ ଜୟନ୍ତୀ ଜିଲ୍ଲାସ୍ତରରେ ପାଳନ ଅବକାଶରେ ପୁରୀସ୍ଥ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତା ୧୮- ୧୯ ଜାନୁଆରୀ ୨୦୦୯ ରିଖ ଦୁଇଦିନ ଧରି ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ସାରସ୍ୱତ ସମାବେଶର ପ୍ରଥମ ଅଧିବେଶନରେ ଅନୁଷ୍ଠିତ ଉଦ୍‌ଘାଟନ ପର୍ବରେ ସଭାପତିତ୍ୱ କରି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୁସେନ୍ ରବି ଗାନ୍ଧୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠ କବି। କବିତା ହେଉଛି ହୃଦୟର ଅଭିବ୍ୟକ୍ତି । ଆଲୋଚନାଚକ୍ର ପର୍ବରେ ଅଧ୍ୟାପକ ସୁନୀଲ ରଥ ଭିତ୍ତି ପ୍ରବନ୍ଧକୁ ସଭାରେ ଉପସ୍ଥାପନ କରିଥିଲେ। 'ପୁରୀ ଜିଲ୍ଲାର ଓଡ଼ିଆ ସାହିତ୍ୟକୁ ଅବଦାନ' ସମ୍ପର୍କରେ ଆଧାରିତ ଏହି ପ୍ରବନ୍ଧରେ ଜିଲ୍ଲାର ସାରସ୍ୱତ ସ୍ରଷ୍ଟାମାନଙ୍କ ଅବଦାନ ସମ୍ପର୍କରେ ଆଲୋଚକ ଡକ୍ଟର ବଳରାମ ଦାସ ଓ ଶ୍ରୀ ପ୍ରସନ୍ନ କୁମାର ମହାନ୍ତି ବ୍ୟାପକ ଆଲୋଚନା କରିଥିଲା। ଜିଲ୍ଲାର ଚିର ସ୍ମରଣୀୟ ସାରସ୍ୱତ ସାଧକ ମାନଙ୍କ ଭୂମିକା ଓଡ଼ିଆ ସାହିତ୍ୟର ବିକାଶରେ ଅତୁଳନୀୟ ବୋଲି ସେମାନେ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ । ମୁଖ୍ୟଅତିଥି ବିଶିଷ୍ଟ କବି ରମାକାନ୍ତ ରଥ ଓଡ଼ିଆ ସାହିତ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟନେଇ ଲେଖକମାନେ ସାଧନା କରିବାକୁ ଆହ୍ୱାନ ଦେଇଥିଲେ। ଏପରି ହେଲେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଏହା ଲୋକାଭିମୁଖି ହୋଇପାରିବ ମତବ୍ୟକ୍ତ କରିଥିଲେ। ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଛା ପଟନାୟକ ତାଙ୍କ ଭାଷଣରେ କହିଥିଲେ ଯେ ସାହିତ୍ୟ ସମାଜର ବାସ୍ତବ ଚିତ୍ରକୁ ପ୍ରତିଫଳନ କଲେ ତାହା ଲୋକମାନଙ୍କ ହିତରେ ଆସିବ। ଏକ ସୁସ୍ଥ ସମାଜ ଗଠନରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ ତେଣୁ ଲେଖକମାନେ ତାଙ୍କ ଲେଖାରେ ସାମାଜିକ ବିଷୟ ବସ୍ତୁକୁ ଗୁରୁତ୍ୱ ଦେବା ଆବଶ୍ୟକ । ଉଦ୍‌ଯାପନ ଦିବସର ଶେଷ ଅଧିବେଶନରେ ଆୟୋଜନ ହୋଇଥିଲା କବିତା ପାଠୋତ୍ସବ। ସମାଜସେବୀ ପ୍ରତିମା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ମଞ୍ଚାସୀନ ଥିଲେ ପ୍ରାଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ଟୀକାୟତରାୟ। ଶ୍ରୀ ଶ୍ୟାମପ୍ରକାଶ ସେନାପତି, ସୁଶ୍ରୀ ମୁଚେତା ମିଶ୍ର, ଶ୍ରୀମତୀ କଲ୍ୟାଣୀ ନନ୍ଦୀ ପ୍ରମୁଖ ସଂଯୋଜନା କରିଥିଲେ

## ରାଜା ବ୍ରଜରାଜ ସାହିତ୍ୟର ସେବକ ଥିଲେ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ କବି ବ୍ରଜରାଜ ସିଂହଦେଓଙ୍କ ଜୟନ୍ତୀ ଉତ୍ସବ ଏକାଡେମୀ ସଦସ୍ୟ ଶ୍ରୀ ମନୋଜ ମେହେରଙ୍କ ପୌରୋହିତ୍ୟରେ ବୀରବିକ୍ରମ ମଣ୍ଡପଠାରେ ତା ୩୧.୧.୦୯ ଅପରାହ୍ଣ ୩ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସ୍ମୃତି ସଭାରେ ମୁଖ୍ୟଅତିଥି ଭାବରେ ଗବେଷକ ଶ୍ରୀ ଜିତାମିତ୍ର ପ୍ରସାଦ ସିଂହଦେଓ ଓ ମୁଖ୍ୟବକ୍ତା ଭାବରେ ଅଧ୍ୟାପିକା ଡକ୍ଟର ଅଞ୍ଜଳି ପାଢ଼ୀ ଯୋଗ ଦେଇଥିଲେ । କବି ବ୍ରଜରାଜ ଓ ବାଗ୍‌ଦେବୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀମାନେ । ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଶ୍ରୀ ନୀଳଲୋହିତ ସିଂହଦେଓ। ମୁଖ୍ୟବକ୍ତା ଅଧ୍ୟାପିକା ଡକ୍ଟର ପାଢ଼ୀ ବ୍ରଜରାଜଙ୍କ ସାହିତ୍ୟର ପୃଷ୍ଠଭୂମି, ସାହିତ୍ୟାଦର୍ଶ, ଭାବ ମାଧୁରୀ, ଭାଷା ପାଟବ, ବର୍ଣ୍ଣନା ଚାତୁର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଶ୍ରୀଯୁକ୍ତ ସିଂହଦେଓ ଖଡ଼ିଆଳର ପ୍ରାଚୀନ ଐତିହ୍ୟ, ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତ ସମୟରେ କବି ବ୍ରଜରାଜଙ୍କ ଭୂମିକା, ରାଜା ବ୍ରଜରାଜଙ୍କ ଶାସନ ଦକ୍ଷତା, ଜନହିତକର କାର୍ଯ୍ୟ ଦୁର୍ଭିକ୍ଷ ସମୟରେ ରାଜା ବ୍ରଜରାଜଙ୍କ ମାନବସେବା ସମ୍ପର୍କରେ ଆଲୋଚନା କରିଥିଲେ। କବି ବ୍ରଜରାଜଙ୍କ ଉଦ୍ଦେଶ୍ୟରେ ରଚିତ ଏକ କବିତା କବି ଅମରେଶ ପ୍ରଧାନ ପାଠ କରିଥିଲେ। ଶେଷରେ ଶ୍ରୀ ଇରଫାନ୍ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଧରଙ୍କ ଟୀକା ଓଡ଼ିଆ ସାହିତ୍ୟକୁ ମହାଭାରତୀୟ ଚେତନାରେ ସମୃଦ୍ଧ କରିଛି

ପବିତ୍ର ମାଘ ସପ୍ତମୀରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ତା ୦୨.୦୨.୦୯ରିଖରେ ପଣ୍ଡିତଙ୍କ ଜନ୍ମପୀଠ ରେମୁଣା ବ୍ଲକ ଅନ୍ତର୍ଗତ ମୟୂରଗ୍ରାମରେ ପ୍ରାଧ୍ୟାପକ ଡକ୍ଟର ଅରବିନ୍ଦ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଗିରୀଶ ଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତିସଭାକୁ ଉଦ୍‌ଘାଟନ କରି କହିଲେ, ରେମୁଣା ତଥା ଓଡ଼ିଶାର ଗର୍ବ ଓ ଗୌରବ ଶ୍ରୀଧର ସ୍ୱାମୀ ଅମୂଲ୍ୟ ଗ୍ରନ୍ଥ ଓ ଟୀକା ରଚନା କରି ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମୁଖ୍ୟବକ୍ତା ଡକ୍ଟର କୁମାର ମିଶ୍ର, ସମ୍ମାନନୀୟ ଅତିଥି ଶ୍ରୀ ହରେକୃଷ୍ଣ ଗିରି, ଶ୍ରୀଧର ସ୍ୱାମୀ ପରିଷଦର ସଭାପତି ଡକ୍ଟର ଭାଗବତ ପ୍ରସାଦ ଦାସ ପ୍ରମୁଖ ଏହି ସ୍ମୃତି ସଭାରେ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରମଣୀରଞ୍ଜନ ଜେନାଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଧର ସ୍ୱାମୀଙ୍କ ଉପରେ ପର୍ଯ୍ୟବସିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଶ୍ରୀ ଦାଶ ପୁରସ୍କାର ପ୍ରଦାନ କରିଥିଲେ।

## ଆଚାର୍ଯ୍ୟ ହରିହର ସେବା, ତ୍ୟାଗ ଓ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପଞ୍ଚସଖା ଯୁଗର ପ୍ରଖ୍ୟାତ ସାଧକ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ତା ୧୨.୦୨.୨୦୦୯ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ହରିହରଙ୍କ ଜନ୍ମସ୍ଥାନ ସାକ୍ଷୀଗୋପାଳ ସନ୍ନିକଟ ଶ୍ରୀରାମଚନ୍ଦ୍ରପୁର ଶାସନରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବିଶିଷ୍ଟ ଗାଳ୍ପିକ ଓ ଦୈନିକ 'ଖବର'ର ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଆଚାର୍ଯ୍ୟ ଜଣେ ଯୋଗଜନ୍ମା ସନ୍ଥ ଭାବରେ ଓଡ଼ିଶାରେ ଜନ୍ମଲାଭ କରି ଆମ ସମାଜର ଯେଉଁ ପ୍ରଭୂତ କଲ୍ୟାଣ କରିଯାଇଛନ୍ତି ତାହାର ପଟାନ୍ତର ନାହିଁ। ଆଚାର୍ଯ୍ୟ ସେବା, ତ୍ୟାଗ, କର୍ମ ଓ ଜ୍ଞାନର ସିଦ୍ଧିଲାଭ କରି ଏକ ଆଦର୍ଶ ପ୍ରତିଷ୍ଠା କରିଯାଇଛନ୍ତି ବୋଲି ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଲେଖକ ଓ ଶିକ୍ଷାବିତ୍ ଡକ୍ଟର ଅଭିରାମ ବିଶ୍ୱାଳ ଜୟନ୍ତୀ ସଭାରେ ଯୋଗ ଦେଇ ଆଚାର୍ଯ୍ୟଙ୍କ ଜୀବନାଦର୍ଶ, ସାରସ୍ୱତ କୃତି, ସମାଜସେବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଚାର୍ଯ୍ୟ ଜଣେ ପ୍ରଚଣ୍ଡ ପ୍ରତିଭାଧର ଗୁରୁ ଭାବରେ ଆମ ସମାଜରେ ଆବିର୍ଭୂତ ହୋଇ ଓଡ଼ିଆ ସଂସ୍କୃତିର ପୁନରୁଦ୍ଧାର ଓ ପ୍ରସାର ପାଇଁ ଯେଉଁଭଳି ଭାବରେ ଐକାନ୍ତିକ ଉଦ୍ୟମ କରିଯାଇଛନ୍ତି ତାହା ଆମ ପାଇଁ ଗର୍ବ ଓ ଗୌରବର ଅଧ୍ୟାୟ ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଆଚାର୍ଯ୍ୟ ଯୁବ ପରିଷଦର ସଭାପତି ଶ୍ରୀଯୁକ୍ତ ଛାୟାକାନ୍ତ ଷଡ଼ଙ୍ଗୀ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାସକବିଙ୍କ ଅବଦାନରେ ଓଡ଼ିଆ ଭାଷା କୃତାର୍ଥ ହୋଇଛି

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀର ମୋହନ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ତା ୧୪.୧.୦୯ରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ବ୍ୟାସକବିଙ୍କ କର୍ମପୀଠ ବାଲେଶ୍ୱରସ୍ଥ ଶାନ୍ତିକାନନଠାରେ ଏକ ସ୍ମୃତି ସଭା ଆୟୋଜନ ହୋଇ ଯାଇଅଛି । ଏହି ସଭାରେ ଅଧ୍ୟାପକ ଶ୍ରୀ ରବୀନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସଙ୍ଗୀତ ଭାବେ 'ଅନନ୍ତ ମିଳନ' ଗାନ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦିକା ଡକ୍ଟର ଶୁଭଶ୍ରୀ ଲେଙ୍କା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ରବିନାରାୟଣ ଦାଶ ଫକୀରମୋହନ ଓ ଇଂରାଜୀ ଔପନ୍ୟାସିକ ଚାର୍ଲସ ଡିକେସନଙ୍କ ମଧ୍ୟରେ ତୁଳନା କରି ଜଣେ କୃଷିଭିତ୍ତିକ ସମାଜ ଓ ଅନ୍ୟ ଜଣେ ଶିଳ୍ପଭିତ୍ତିକ ସମାଜର ଜୀବନ ଚରିତ କଥାବସ୍ତୁ ଉପସ୍ଥାପନା କରି କିଭଳି ଉଭୟେ ସମାଜକୁ ସଚେତନତା ମାଧ୍ୟମରେ ସଂସ୍କାରମୁଖୀ କରାଇଥିଲେ, ସେ ସମ୍ପର୍କରେ ତୁଳାନାତ୍ମକ ଅଧ୍ୟୟନ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ଫକୀରମୋହନ ଓ ଚାର୍ଲସ ଡିକେସନଙ୍କ ରଚନା ଶୈଳୀର ଅନେକାଂଶରେ ସାମଞ୍ଜସ୍ୟ ରହିଥିବାବେଳେ ଫକୀରମୋହନଙ୍କ ରଚନାରେ ଦୃଢ଼ ବକ୍ରୋକ୍ତି ତାଙ୍କୁ ଡିକେନସଙ୍କଠାରୁ ଯଥେଷ୍ଟ ଊର୍ଦ୍ଧ୍ୱ ଆସନରେ ପ୍ରତିଷ୍ଠିତ କରାଏ ବୋଲି ସେ ପ୍ରକାଶ କରିଥିଲେ । ଏଥିରେ କବୟତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଫକୀରମୋହନଙ୍କ



ଲେଖାରେ କବିଙ୍କ ପ୍ରତିବଦ୍ଧତା, ଅଙ୍ଗୀକାରବଦ୍ଧତା ତାଙ୍କୁ ଜଣେ ସର୍ବକାଳୀନ ପ୍ରଖ୍ୟାତ ଲେଖକ ଭାବରେ ପ୍ରତିଷ୍ଠା ଦେଇଛି ବୋଲି ପ୍ରକାଶ କରିଥିଲେ । ଫକୀରମୋହନଙ୍କ ରଚନାରେ ଲୋକକଳା ଓ ଲୋକସାହିତ୍ୟ ଯେପରି ଜୀବନ୍ତ ସେହିଭଳି କୌଣସି ଦୃଷ୍ଟାନ୍ତ ନଥାଇ ମଧ୍ୟ ସେ ଦୃଷ୍ଟାନ୍ତ ସୃଷ୍ଟି କରିବାରେ ଜଣେ ସିଦ୍ଧହସ୍ତ ସ୍ରଷ୍ଟାଥିଲେ । ସମ୍ମାନନୀୟ ଅତିଥି ଡକ୍ଟର ହରିଶ୍ଚନ୍ଦ୍ର ବେହେରା ଫକୀରମୋହନ କିଭଳି ଆମ ଜାତିର ଐତିହ୍ୟକୁ ସମ୍ମାନ ଦେଇ ବାସ୍ତବତାକୁ ଚିତ୍ରଣ କରିବା ସହିତ ସେ ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଥିଲେ ତାହା ବିଶଦ ଭାବରେ ବର୍ଣ୍ଣନା କରିଥିଲେ । ଫକୀରମୋହନ ଓଡ଼ିଆ ସାହିତ୍ୟ ଜଗତର ଜଣେ ଯୁଗସ୍ରଷ୍ଟା ସାରସ୍ୱତସାଧକ । ବିଶେଷ କରି ସେ ମଧ୍ୟବିତ୍ତ ସମାଜର ଜୀବନ ଚରିତ ଚିତ୍ରଣରେ ଯେଉଁ ଅଭିନବ କୌଶଳ ପ୍ରୟୋଗ କରିଛନ୍ତି ତାହା ଓଡ଼ିଆ ସାହିତ୍ୟକୁ ଅଧିକ ହୃଦୟସ୍ପର୍ଶୀ କରିପାରିଛି । କବିଙ୍କ ଆତ୍ମ ବିଶ୍ୱାସ, ଜାତି ପ୍ରୀତି ତଥା କର୍ତ୍ତବ୍ୟନିଷ୍ଠା ତାଙ୍କୁ ଏ ଜାତିର ପୁରୋଧା ଭାବେ ମାନ୍ୟତା ପ୍ରଦାନ କରିଛି ବୋଲି ଡକ୍ଟର ଅରବିନ୍ଦ ଗିରି ତାଙ୍କ ସଭାପତି ଅଭିଭାଷଣରେ ବ୍ୟକ୍ତ କରିଥିଲେ । ଶେଷରେ ଶ୍ରୀ ବସନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧୁନିକ ସାହିତ୍ୟର ବାର୍ତ୍ତାବହ ଥିଲେ ଭକ୍ତକବି ମଧୁସୂଦନ




ଭକ୍ତକବି ମଧୁସୂଦନ ରାଓ ଆଧୁନିକ ସାହିତ୍ୟର ବାର୍ତ୍ତାବହ ଥିଲେ । ମଧୁବାବୁଙ୍କ ସାମଗ୍ରିକ କାବ୍ୟ କୃତିରେ ଜୀବନର ପ୍ରତିଛବି ସ୍ପଷ୍ଟ ପ୍ରତିଫଳିତ ହେବା ସହିତ ଆଧୁନିକ ସାହିତ୍ୟକୃତିର ଛବି ପରିସ୍ଫୁଟ ହୋଇଥିଲା ବୋଲି ମଧୁବାବୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀ ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଉଦୟନ ସାଂସ୍କୃତିକ ଏକାଡେମୀର ମିଳିତ ସହଯୋଗରେ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ତା ୩୧.୧.୨୦୦୯ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ପୁରୀ ବଡ଼ଦାଣ୍ଡସ୍ଥ ଉତ୍କଳ ହିନ୍ଦୀ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ତଥା ବରିଷ୍ଠ ନାଟ୍ୟକାର ଡକ୍ଟର ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାଶ ଚନ୍ଦ୍ର ଟୀକାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଏବଂ ଅଧ୍ୟାପକ ଡକ୍ଟର ବଳରାମ ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଉଦୟନ ସାଂସ୍କୃତିକ ଏକାଡେମୀର ସମ୍ପାଦକ ଡକ୍ଟର ଦେବଦତ୍ତ ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ହରପ୍ରସାଦ ପରିଛା ପଟନାୟକ ଅତିଥି ପରିଚୟ ପ୍ରଦାନ କରି ମଧୁବାବୁଙ୍କ ସାହିତ୍ୟକୃତି ତଥା ଓଡ଼ିଆ ଭାଷା ସାହିତ୍ୟର ଚର୍ଚ୍ଚା ନିମନ୍ତେ ପୁରୀଠାରେ ଏକ ଦୁଇ ଦିନିଆ ସାରସ୍ୱତ ସମାବେଶର ଆୟୋଜନ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ପ୍ରାରମ୍ଭରେ ସଙ୍ଗୀତା, ଶୁଭଲକ୍ଷ୍ମୀ, ସର୍ବାଣୀ, ଚିନ୍ମୟୀ, ତୃପ୍ତି ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରିଶେଷରେ ଗୁରୁ ରବି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କୁନ୍ତଳାକୁମାରୀ ବାସ୍ତବରେ ଭାରତଭାରତୀ ଥିଲେ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ, ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ସାହିତ୍ୟ ପତ୍ରିକା 'ପକ୍ଷୀଘର'ର ମିଳିତ ସହଯୋଗରେ ତା ୮ ଫେବୃଆରୀ ୨୦୦୯ ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଖୋର୍ଦ୍ଧାସ୍ଥ ଜୟୀରାଜଗୁରୁ ଭବନ (ଟାଉନ୍ ହଲ୍) ରେ କୁନ୍ତଳାକୁମାରୀ ସାବତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ବିଶିଷ୍ଟ କବୟତ୍ରୀ ଡକ୍ଟର ପ୍ରତିଭା ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ସାହିତ୍ୟକୁ ଯେଉଁ ନାରୀ ଲେଖକମାନେ ଋଦ୍ଧିମନ୍ତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ କୁନ୍ତଳାକୁମାରୀ ସର୍ବଶ୍ରେଷ୍ଠ ବୋଲି ପ୍ରକାଶ କରିଥିଲେ । ତାଙ୍କ ରଚିତ ସାତଗୋଟି ଉପନ୍ୟାସରେ କୁନ୍ତଳାଙ୍କ ଜୀବନ ଚରିତ ସହିତ ସେତେବେଳର ସାମାଜିକ ବ୍ୟବସ୍ଥା ଅତି ପ୍ରାଞ୍ଜଳ ଭାବରେ ପରିସ୍ଫୁଟିତ ହୋଇଥିବାରୁ ସେଗୁଡ଼ିକର ଆଜି ବି ପାଠକୀୟ ଚାହିଦା ରହିଛି ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ପ୍ରାବନ୍ଧିକ ଓ ଗବେଷକ ଶିକ୍ଷାବିତ୍ ଡକ୍ଟର ଗୌରାଙ୍ଗ ଚରଣ ଦାସ କୁନ୍ତଳାକୁମାରୀଙ୍କୁ ଉତ୍କଳଭାରତୀ ବୋଲି ସମ୍ବୋଧନ କରିବା ସମୀଚନ ହେଉ ନାହିଁ କାରଣ ବାସ୍ତବରେ ସେ ଥିଲେ ଭାରତଭାରତୀ । ଜାତୀୟସ୍ତରରେ ସାହିତ୍ୟ, ସମାଜ ସେବା, ସାଙ୍ଗଠନିକ ଓ ନାରୀଜାତିର ଉତ୍‌ଥାନ ପାଇଁ କାର୍ଯ୍ୟ କରି ଯେଉଁଭଳି ଭାବରେ ସେ ଆଦର୍ଶ ସୃଷ୍ଟି କରିଯାଇଛନ୍ତି ଏଯାବତ କୌଣସି ଓଡ଼ିଆଣୀ ତାଙ୍କ ସମତୁଲ୍ୟ ହୋଇପାରିନାହାନ୍ତି । କୁନ୍ତଳା ଥିଲେ ନାରୀମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମୀ ଦୁଃସାହାସୀ ସାଧିକା ସେଥିପାଇଁ ସେ ଇତିହାସ ରଚି ଯାଇଛନ୍ତି ତାଙ୍କର ଦିଗ୍‌ଦର୍ଶନରେ ଉଦ୍‌ବୁଦ୍ଧ ହେଲେ ଓଡ଼ିଆ ଜାତିର



ସାଂସ୍କୃତିକ ବୈଭବ ସାରା ବିଶ୍ୱରେ ମହିମାମଣ୍ଡିତ ହୋଇପାରିବ ବୋଲି ଡକ୍ଟର ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରବୀଣ ଗୁରୁ ଶ୍ରୀ ମୁରଲୀଧର ପ୍ରଧାନ ଏଥିରେ ସମ୍ମାନନୀୟ ବକ୍ତା ଭାବରେ ଯୋଗ ଦେଇ କୁନ୍ତଳାକୁମାରୀଙ୍କ ଜୀବନ ଚରିତକୁ ଅତି ନିଖୁଣ ଢଙ୍ଗରେ ବ୍ୟାଖ୍ୟା କରି ଶ୍ରୋତାମାନଙ୍କ ଚିତ୍ତ ଆକର୍ଷିତ କରିଥିଲେ । ଅନ୍ୟତମ ବକ୍ତା ଭାବରେ ଶ୍ରୀ ଗୋପାଳ ଚନ୍ଦ୍ର ଦାସ ଓ ଶ୍ରୀ ନିରଞ୍ଜନ ମହାନ୍ତି କୁନ୍ତଳାକୁମାରୀଙ୍କ ସାରସ୍ୱତ ସୃଷ୍ଟି ଉପରେ ବିଶଦ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ରବି ରାୟ କୁନ୍ତଳା କୁମାରୀଙ୍କୁ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରି ଏକାଡେମୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶେଷରେ ପକ୍ଷୀଘର ପତ୍ରିକାର ସମ୍ପାଦକ ଶ୍ରୀ ବନୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଖୋର୍ଦ୍ଧା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ଶୁଭ୍ରାଂଶୁ କୁମାର ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂସଦର ସଭାପତି ଶ୍ରୀ ବୈକୁଣ୍ଠନାଥ ରାଜଗୁରୁ ଉକ୍ତ ଜୟନ୍ତୀ ସଭାରେ ପୌରୋହିତ୍ୟ କରି କୁନ୍ତଳାଙ୍କ ସାମଗ୍ରିକ କୃତିକୁ ସଂକ୍ଷେପରେ ଆକଳନ କରିଥିଲେ ।

# ବିଦଗ୍ଧକବି ଅଭିମନ୍ୟୁଙ୍କ ଅସାଧାରଣ ପାଣ୍ଡିତ୍ୟ ଈଶ୍ୱରଙ୍କ ଅନନ୍ୟ ଦାନ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଭିମନ୍ୟୁ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ରୀତିଯୁଗୀୟ ପ୍ରଖ୍ୟାତ ବୈଷ୍ଣବକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଯାଜପୁର ଜିଲ୍ଲାସ୍ଥ ଅଭିମନ୍ୟୁ ବାଲିଆ ଠାରେ ତା ୨.୨.୦୯ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି।ଏଥିରେ ମୁଖ୍ୟବକ୍ତା ଭାବରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାଧ୍ୟାପକ ତଥା ବିଶିଷ୍ଟ ପ୍ରବକ୍ତା ଡକ୍ଟର ତୀର୍ଥାନନ୍ଦ ମିଶ୍ର ଯୋଗଦେଇ ଅଭିମନ୍ୟୁଙ୍କ ସୃଷ୍ଟି ଓ ତତ୍ତ୍ୱର ବ୍ୟାଖ୍ୟାକରି ପ୍ରକାଶକଲେ ଯେ ବିଦଗ୍ଧ ଚିନ୍ତାମଣି ଏକ ଭିନ୍ନ ସ୍ୱାଦର କାବ୍ୟକୃତି ଯାହାର ସ୍ୱାତନ୍ତ୍ରତା ସ୍ପଷ୍ଟ ବାରି ହୋଇ ପଡୁଥିବାରୁ ଆଜିଯାଏ ଉକ୍ତ କାବ୍ୟ ଗ୍ରନ୍ଥ ପାଠକୀୟ ଆଦରକୁ ଅକ୍ଷୁର୍ଣ୍ଣ ରଖିପାରିଛି। ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଏଥିରେ ସମ୍ମାନନୀୟ ବକ୍ତାଭାବରେ ଯୋଗଦାନ କରି ଅଭିମନ୍ୟୁ ପରମ ବୈଷ୍ଣବ ଥିବାରୁ ତାଙ୍କର ସୃଷ୍ଟି ଜନସାଧାରଣଙ୍କୁ ବିହ୍ୱଳିତ କରି ପାରୁଥିଲା। କୃଷ୍ଣତତ୍ତ୍ୱର ଅନ୍ୟତମ ପ୍ରବକ୍ତାଭାବରେ ବିଦଗ୍ଧକବି ଯେଉଁ ସ୍ଥାନର ଅଧିକାରୀ ହୋଇପାରିଥିଲେ ତାହା କେବଳ ତାଙ୍କ ପ୍ରଚଣ୍ଡ ପ୍ରତିଭା ଯୋଗୁ ସମ୍ଭବ ହୋଇଥିଲା ବୋଲି ସେ ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ । ସମ୍ମାନନୀୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଓ ଅଭିମନ୍ୟୁ ସାହିତ୍ୟର ପ୍ରବକ୍ତା ଡକ୍ଟର ରବୀନ୍ଦ୍ର ବିହାରୀ ବିଦଗ୍ଧକବିଙ୍କ କାଳଜୟୀ ସୃଷ୍ଟି ସମୂହର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିଲେ। ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ଏହି ଜୟନ୍ତୀ ସଭାରେ ପୌରୋହିତ୍ୟ କରି ବିଦଗ୍ଧକବିଙ୍କୁ ଏକାଡେମୀ ପକ୍ଷରୁ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଭିମନ୍ୟୁ ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ଅଭିମନ୍ୟୁଙ୍କ ସୃଷ୍ଟି ସମୂହକୁ ଇଂରାଜୀରେ ଅନୁବାଦ କରାଗଲେ ଅଭିମନ୍ୟୁଙ୍କ କବି ପ୍ରତିଭା ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ ।

## ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ କରାଯାଇଥାଏ । ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ । ତା ୩୧.୧.୨୦୦୯ରିଖ ସନ୍ଧ୍ୟାରେ ଆୟୋଜିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଶ୍ରୀ ମନମୋହନ ଆଚାର୍ଯ୍ୟ, ୨୮.୦୨.୦୯ ଡକ୍ଟର ରାମ ଚରଣ ଦାସ, ୩୧.୦୩.୦୯ ଡକ୍ଟର ପ୍ରାଚୀ ଭୂଷଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଭଜନ ଓ ଜଣାଣ ଆସର ତଥା ନାଟକାଦି ପରିବେଷଣ କରାଯାଇଥିଲା । ଏହି ଶାଶ୍ୱତ ସନ୍ଧ୍ୟାମାନଙ୍କରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତି ପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ତତ୍ତ୍ୱରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ସ୍ୱାଦକୁ ମନଭରି ଆସ୍ୱାଦନ କରିଥିଲେ।



# ସାରଳାଙ୍କ ମହାଭାରତ ଓଡ଼ିଆ ଭାଷାକୁ ଜୀବନ୍ୟାସ ଦେଇଛି

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ସାରସ୍ୱତ ଅନୁଷ୍ଠାନମାନଙ୍କ ସହଯୋଗରେ ଆଦିକବି ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୨.୨.୦୯ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ତିର୍ତ୍ତୋଲ ଅନ୍ତର୍ଗତ ତେନ୍ତୁଳି ପଦାସ୍ଥ ସାରଳା ଦାସଙ୍କ ସମାଧି ପୀଠ ମୁନିଗୋସାଇଁ ମଠ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରସ୍ୱତୀ ସମ୍ମାନ ପ୍ରାପ୍ତ କବି ଶ୍ରୀ ରମାକାନ୍ତ ରଥ ଉଦ୍‌ଘାଟକ ଭାବରେ ଯୋଗଦେଇ ସାରଳା ସାହିତ୍ୟ ଆମ ସମାଜକୁ ଗଭୀର ଭାବରେ ପ୍ରଭାବିତ କରିଛି ବୋଲି ପ୍ରକାଶ କରିଥିଲେ। ବିଷୟବସ୍ତୁର ଅବତାରଣା, ସାବଲୀଳ ଭାଷା ପ୍ରୟୋଗରେ ଆଦିକବିଙ୍କ ସୃଷ୍ଟି ଅନନ୍ୟ ହୋଇଥିବାରୁ ତାହା କାଳଜୟୀ ହୋଇ ପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ବିଶିଷ୍ଟ ବାଗ୍ମୀ ଓ ଭଞ୍ଜ ସାହିତ୍ୟର ଅନନ୍ୟ ପ୍ରବକ୍ତା ଶ୍ରୀ ରଜତ କୁମାର କର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ସାରଳା ମହାଭାରତର କେତେକ ଉପାଦାନ କିଭଳି ଭାବରେ ଓଡ଼ିଆ ସଂସ୍କୃତି ସହିତ ତଲ୍ଲୀନ ହୋଇଯାଇ କ୍ରମେ କ୍ରମେ ପରମ୍ପରାରେ ପରିଣତ ହୋଇଯାଇଛି, ତାହା ବିଶଦ୍ ଭାବରେ ପ୍ରକାଶ



କରିଥିଲେ। ସଭାରେମ ସମ୍ମାନନୀୟ ବକ୍ତା ଭାବରେ ଇଂ ପ୍ରଭାକର ସ୍ୱାଇଁ ଯୋଗଦେଇ ସାରଳା ଦାସ ଯଦି କୌଣସି ସାହିତ୍ୟ ସୃଷ୍ଟି କରି ନଥାନ୍ତେ ତେବେ ଆମ୍ଭେମାନେ ଏବେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁନଥାନ୍ତେ କିମ୍ବା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇନଥାନ୍ତା ଏହା କେବଳ ସାରଳା ଦାସଙ୍କ ଅଜସ୍ର ସୃଷ୍ଟି ଫଳରେ ହିଁ ସମ୍ଭବ ହୋଇଛି ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଆଦିକବି ସାରଳାଦାସ ସାଂସ୍କୃତିକ ପରିଷଦ ଓ ଶୂଦ୍ରମୁନୀ ସାରଳା ଶ୍ରାଦ୍ଧୋତ୍ସବ କମିଟି ପକ୍ଷରୁ ଜଗତସିଂହପୁର ଲୋକସଭା ସଦସ୍ୟ ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ଓ କବି ଶ୍ରୀ ମାନସରଞ୍ଜନ ମହାପାତ୍ରଙ୍କୁ ଆଦିକବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡକ୍ଟର ଅଜୟକୁମାର ମିଶ୍ରଙ୍କ ଦ୍ୱାରା ସାରଳା ଠାକୁରାଣୀଙ୍କ ଉପରେ ରଚିତ ଏକ ଗ୍ରନ୍ଥ 'ଚିତ୍ରାମାହେଶ୍ୱରୀ'କୁ କବି ରମାକାନ୍ତ ରଥ ଲୋକାର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ କାଳୀପ୍ରସନ୍ନ ପରିଜା ଏଥିରେ ପୌରୋହିତ୍ୟ କରି ସାରଳାଙ୍କ ଅସୁମାରୀ ସୃଷ୍ଟିର ପ୍ରଖ୍ୟାପନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଶ୍ରୀ ଚିତ୍ତରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାପୁରୁଷ ଅଚ୍ୟୁତାନନ୍ଦ ଜଣେ ଭବିଷ୍ୟ ଦ୍ରଷ୍ଟା ଥିଲେ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଅଚ୍ୟୁତ ଯୁବ ପରିଷଦଙ୍କ ମିଳିତ ସହଯୋଗରେ ତା ୦୬.୦୨.୨୦୦୯ ରିଖରେ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ଜୟନ୍ତୀ ସଭା କଟକ ଜିଲ୍ଲାସ୍ଥ ତିଳକଣାଠାରେ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀଅଚ୍ୟୁତ ଯୁବ ପରିଷଦର ସଭାପତି ଶ୍ରୀ କେଦାରନାଥ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ଦାଶ ଯୋଗଦାନ କରି ଅଚ୍ୟୁତାନନ୍ଦ କିପରି ନିରାକାର ଶ୍ରୀଜଗନ୍ନାଥଙ୍କୁ ଉପାସ୍ୟ ଦେବତା ରୂପେ ଗ୍ରହଣ କରି ଜଗନ୍ନାଥ ଧର୍ମର ପୁନଃ ପ୍ରତିଷ୍ଠା କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ବାଗ୍ମୀ ଡକ୍ଟର ଖଗେନ୍ଦ୍ରନାଥ ମଲ୍ଲିକ ତାଙ୍କର ଅଭିଭାଷଣରେ ଅଧର୍ମ-ଅଧୋପତିତ ସମାଜର ସଂରକ୍ଷଣ ପାଇଁ ଆଗତ ଭବିଷ୍ୟ ମାଳିକା ସିଦ୍ଧସାଧକ ଅଚ୍ୟୁତାନନ୍ଦ ରଚନା କରି ସେ ନିଜର ଦୂରଦର୍ଶିତା ଓ ସଂସ୍କାର ପ୍ରବଣତାର ପରିଚୟ ଦେଇ ଯାଇଛନ୍ତି ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଉତ୍ସବରେ ପୌରୋହିତ୍ୟ କରି ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ସିଦ୍ଧସାଧକ ଅଚ୍ୟୁତାନନ୍ଦଙ୍କ ରଚିତ ବହୁ ଉପାଦେୟ ଗ୍ରନ୍ଥମାନ ଓଡ଼ିଶାର ଅଗଣିତ ଭକ୍ତିରସ ପିପାସୁ ଜନସାଧାରଣଙ୍କର ଏକ ଅମୂଲ୍ୟ ଧର୍ମଗ୍ରନ୍ଥ ଭାବେ କିଭଳି ପରିଗଣିତ ହେଉଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ରୀତିସାହିତ୍ୟ ଓ ଭକ୍ତି ସାହିତ୍ୟକୁ ଅଚ୍ୟୁତାନନ୍ଦଙ୍କର ଦାନ ଅପରିସୀମ ଓ ଅତୁଳନୀୟ ବୋଲି ବକ୍ତାମାନେ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଅଚ୍ୟୁତାନନ୍ଦଙ୍କ ସୃଷ୍ଟି ସମଗ୍ର କିଭଳି ଭାବେ ଜନପ୍ରିୟ ହୋଇଅଛି ସେ ସମ୍ପର୍କରେ ଶ୍ରୀଅଚ୍ୟୁତ ଯୁବ ପରିଷଦର ସହ-ସମ୍ପାଦକ ଶ୍ରୀ ଅଶୋକ କୁମାର ସାହୁ ଆଲୋଚନା କରିଥିଲେ। ପରିଶେଷରେ ଯୁବ ପରିଷଦର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଛା ପଟନାୟକ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଦାୟିତ୍ୱରେ



ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ବିଜ୍ଞପ୍ତି ନଂ ୪୧୩୯/ ଟ.ସି. ତା.୦୧.୧୨.୦୮ରିଖ ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ କବି ଡକ୍ଟର ହରପ୍ରସାଦ ପରିଛା ପଟନାୟକ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ପଦବୀରେ ନିଯୁକ୍ତି ଲାଭ କରିଛନ୍ତି। ଏକାଡେମୀର ସଚିବ ଭାବରେ ସେ ତାଙ୍କ କାର୍ଯ୍ୟ ସହିତ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଭାବରେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବାକୁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଅଛି। ଡକ୍ଟର ପଟନାୟକ ତାଙ୍କ ନୂତନ ଦାୟିତ୍ୱ ଗ୍ରହଣ କରିବା ଠାରୁ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅନେକ ସମସ୍ୟା ସମାଧାନ କରିବା ସଙ୍ଗେ ସଙ୍ଗେ କେତେକ ପ୍ରଶାସନିକ ସଂସ୍କାର କାର୍ଯ୍ୟ ସମ୍ପାଦନ କରି ଛାତ୍ର, ଅଧ୍ୟାପକ, ଗବେଷକ, କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଚ୍ଚ ପ୍ରଶଂସାଭାଜନ ହୋଇପାରିଛନ୍ତି। ତାଙ୍କ ବଳିଷ୍ଠ କାର୍ଯ୍ୟଦକ୍ଷତା ହେତୁ ଗତବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ବ୍ୟତୀତ ଓଡ଼ିଶା ବାହାରେ ମଧ୍ୟ କେତେକ ସ୍ଥାନରେ ସଫଳତାର ସହ ଆୟୋଜନ କରାଯାଇ ପାରିଥିଲା। ତାଙ୍କର ଏହି ନୂତନ ନିଯୁକ୍ତିକୁ ଓଡ଼ିଶାର ବୁଦ୍ଧିଜୀବୀ ଓ ପ୍ରଶାସନିକ ମହଲରେ ସ୍ୱାଗତ କରାଯାଉଅଛି।

# ଉତ୍କଳଘଣ୍ଟ କବି ଯଦୁମଣି ପ୍ରଗତିଶୀଳ ଧାରାର ବାର୍ତ୍ତାବହ ଥିଲେ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଦୁମଣି କ୍ଲବଙ୍କ ମିଳିତ ସହଯୋଗରେ ଉତ୍କଳଘଣ୍ଟ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ତା ୦୮.୦୧.୦୯ରିଖ ଅପରାହ୍ଣ ୫.୩୦ ଘଣ୍ଟା ସମୟରେ ନୟାଗଡ଼ ଜିଲ୍ଲାର ଇଟାମାଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥିମାନଙ୍କ ଗହଣରେ ଜୟନ୍ତୀ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଯଦୁମଣିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଓ ତାଙ୍କ ସାଥି ଯଦୁମଣିଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଯଦୁମଣି କ୍ଲବର ସଭାପତି ଶ୍ରୀଯୁକ୍ତ ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନୟାଗଡ଼ର ପୂର୍ବତନ ବିଧାୟକ ଶ୍ରୀ ବଂଶୀଧର ସାହୁ, ଇଟାମାଟିର ସରପଞ୍ଚ ଶ୍ରୀ ଶ୍ରବଣ କୁମାର ରାମ ଓ ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ବିନୋଦବିହାରୀ ନାୟକ କବିଙ୍କର ସାହିତ୍ୟରସିକ ତଥା ବିବିଧ ସାରସ୍ୱତ ସମ୍ଭାରରେ ବିମଣ୍ଡିତ ବିଭିନ୍ନ ରାଗରାଗିଣୀ-ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ, ଜଣାଣ ଓ ଗୀତ ଆଦି ଉପରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନନୀୟ ବକ୍ତା ଭାବରେ ଶ୍ରୀ ହରିଶ୍ଚନ୍ଦ୍ର ବେହେରା ସ୍ମୃତିସଭାରେ ଯୋଗଦାନ କରି ଯଦୁମଣି କିପରି ଜଣେ ଆଶୁକବି, ହାସ୍ୟରସିକ, ବ୍ୟଙ୍ଗକାର ତଥା କଥାସାଗର ଭାବରେ ବିବିଧ ସାରସ୍ୱତ ସମ୍ଭାରରେ ବିମଣ୍ଡିତ ହୋଇଥିଲେ ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡକ୍ଟର ବିଜୟ କୁମାର ମହାନ୍ତି ଯଦୁମଣିଙ୍କର ପୁରାଣ, କାବ୍ୟ, ଅଳଙ୍କାର, ଶିଳ୍ପଶାସ୍ତ୍ର, ସଙ୍ଗୀତଶାସ୍ତ୍ର ଜ୍ୟୋତିଷ ଓ ଦର୍ଶନାଶାସ୍ତ୍ରରେ କିପରି ଗଭୀର ବ୍ୟୁତ୍ପତ୍ତି ରହିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଡକ୍ଟର ପ୍ରେମାନନ୍ଦ ମହାପାତ୍ରଙ୍କୁ ଯଦୁମଣି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟତମ ସମ୍ମାନନୀୟ ବକ୍ତା ତଥା ଯଦୁମଣି କ୍ଲବର ସଭାପତି ଶ୍ରୀ ଅଶୋକ କୁମାର ନାୟକ କବିଙ୍କର କାବ୍ୟାଦର୍ଶରେ ଥିବା ବିଭିନ୍ନ ରାଗରାଗିଣୀ-ଅଳଙ୍କାର କାବ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହ କବିଙ୍କର ବିଭିନ୍ନ ସ୍ମୃତି ଓ ହସ୍ତ ଲିପିକୁ ସୁରକ୍ଷା ଦେବା ନିମନ୍ତେ ଅନୁରୋଧ କରିଥିଲେ। ଉତ୍ସବରେ ପୌରୋହିତ୍ୟ କରି ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଶ୍ରୀ ଚନ୍ଦ୍ରଶେଖର ଦାସବର୍ମା ତାଙ୍କର ଅଭିଭାଷଣରେ କବି ଯଦୁମଣିଙ୍କୁ ଜଣେ ଯୁଗସ୍ରଷ୍ଟା ସାଧକ ଭାବରେ ଅଭିହିତ କରି ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନଙ୍କୁ ସାଧୁବାଦ ଜଣାଇଥିଲେ । କବିଙ୍କର ପାଣ୍ଡିତ୍ୟ ତଥା କବିତ୍ୱ କିପରି ଭାବରେ ସାରା ଓଡ଼ିଶାରେ ସୁପରିଚିତ ହୋଇପାରିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଯଦୁମଣି କ୍ଲବର ସମ୍ପାଦକ ଶ୍ରୀ ଫକୀର ଚରଣ ବୈରୀଗଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଶିଭୂଷଣ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ



ଶଶିଭୂଷଣ ରଥ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଜୀବନଚର୍ଯ୍ୟା ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବିଶିଷ୍ଟ ସାହିତ୍ୟିକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୋରଡ଼ାସ୍ଥିତ ଶଶିଭୂଷଣ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଶଶିଭୂଷଣ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ତା ୧.୧.୦୯ରିଖରେ ଆୟୋଜିତ ଶଶିଭୂଷଣ ରଥଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଫେସର ଆଚାର୍ଯ୍ୟ ନିଜ ଅଭିଭାଷଣରେ ଏହା ପ୍ରକାଶ କରିଥିଲେ। ସମାଜସେବୀ ଶ୍ରୀ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ସମ୍ମାନନୀୟ ବକ୍ତା ଭାବେ ଇଂ. ବୈଦ୍ୟନାଥ ଦାସ, ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ରାଧାକୃଷ୍ଣ ଦାସ, ଅଧ୍ୟାପକ ରଞ୍ଜନକୁମାର ପଟ୍ଟଯୋଶୀ, ମଠାଧୀଶ କୃଷ୍ଣଚରଣ ଦାସ ବାବାଜୀ, ଶଶିଭୂଷଣ ସାହିତ୍ୟ ସଂସଦ ସମ୍ପାଦକ ଶ୍ରୀ ଧୋବା ବେହେରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିବା ସହ ସେ ଜଣେ ବରେଣ୍ୟ ସମ୍ପାଦକ, ପ୍ରବୀଣ ସାମ୍ବାଦିକ, ସମାଜ ସଂସ୍କାରକ, ସାରସ୍ୱତ ସଙ୍ଗଠକ ତଥା ସାହିତ୍ୟ ସାଧକ ଥିଲେ ବୋଲି କହିଥିଲେ । ଶଶିଭୂଷଣଙ୍କୁ ଜନ୍ମ ଦେଇ ସୋରଡ଼ା ମାଟି ଧନ୍ୟ ହୋଇଛି ବୋଲି ବକ୍ତାମାନେ ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ବନିତା ରାଣୀ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶ୍ରୀ ରଞ୍ଜନ ପାଟ୍ଟଯୋଶୀ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଲମ୍ବୋଦର ଅଧିକାରୀ ଜୟନ୍ତୀ ସଭାର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶ୍ରୀ ଉମାଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁସ୍ତକ ପ୍ରଦର୍ଶନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ପୁସ୍ତକାବଳୀର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରଦର୍ଶନୀ ଓ ବିକ୍ରୟ ଲାଗି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୋଇଯାଇଥିବା ବହିମେଳାରେ ଏକାଡେମୀ ଅଂଶ ଗ୍ରହଣ କରି ଷ୍ଟଲମାନ ଖୋଲିଥିଲା। ଉକ୍ତ ଷ୍ଟଲରେ ଅନେକ ଓଡ଼ିଆ ସାହିତ୍ୟ ପ୍ରେମୀ ପାଠକ, ଅଧ୍ୟାପକ, ଛାତ୍ର, ଗବେଷକ, କବି ଓ ଲେଖକ ଏକାଡେମୀ ପକ୍ଷରୁ ଅନନ୍ୟ ପ୍ରକାଶନଗୁଡ଼ିକ ଦେଖିବା ସଙ୍ଗେ ସଙ୍ଗେ କ୍ରୟ ମଧ୍ୟ କରିଥିଲେ। ପ୍ରତ୍ୟେକ ସ୍ଥାନରେ ଏକାଡେମୀ ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ଅନୁସନ୍ଧିତ୍ସୁ ପାଠକମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଏକାଡେମୀ ପକ୍ଷରୁ ପୁସ୍ତକ କ୍ରେତାମାନଙ୍କୁ ଟ. ୨୦୦୦/-ରୁ ଅଧିକ ପୁସ୍ତକ କ୍ରୟ ଉପରେ ୪୦% ରିହାତି ପ୍ରଦାନ କରାଯାଇଥିବାବେଳେ ଟ. ୫୦୦/-ରୁ ଅଧିକ ମୂଲ୍ୟର କ୍ରେତାଙ୍କ ପାଇଁ ୩୦% ଓ ସାଧାରଣ କ୍ରେତାମାନଙ୍କୁ ୨୦% ରିହାତିରେ ପୁସ୍ତକ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ଏକାଡେମୀ ସାଧାରଣ ପରିଷଦର ସଦସ୍ୟମାନଙ୍କୁ ୪୦% ରିହାତିରେ ଏକାଡେମୀ ପୁସ୍ତକ ଯୋଗାଇ ଦିଆଯାଉଛି । ଗତ ତିନି ମାସ ମଧ୍ୟରେ ନିମ୍ନ ସ୍ଥାନମାନଙ୍କରେ ଏକାଡେମୀର ବହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।

| | | |
|---|---|---|
| ବାଲେଶ୍ୱର | ବହିମେଳା | ୩୧.୧୨.୦୮ – ୦୫.୦୧.୦୯ |
| ଝାରସୁଗୁଡ଼ା | ” | ୦୧.୦୧.୦୯ – ୦୫.୦୧.୦୯ |
| ଶ୍ରୀକ୍ଷେତ୍ର | ” | ୦୩.୦୧.୦୯ – ୧୨.୦୧.୦୯ |
| ବଲାଙ୍ଗୀର | ” | ୦୩.୦୧.୦୯ – ୧୩.୦୧.୦୯ |
| ସମ୍ବଲପୁର | ” | ୧୫.୦୧.୦୯ – ୨୩.୦୧.୦୯ |
| ଢେଙ୍କାନାଳ | ” | ୦୧.୦୨.୦୯ – ୦୮.୦୨.୦୯ |
| ରାଉରକେଲା | ” | ୦୧.୦୨.୦୯ – ୧୦.୦୨.୦୯ |
| କେନ୍ଦ୍ରାପଡ଼ା | ” | ୨୦.୦୨.୦୯ – ୨୬.୦୨.୦୯ |
| ଫୁଲବାଣୀ | ” | ୨୭.୦୨.୦୯ – ୦୬.୦୩.୦୯ |
| ବାରିପଦା(ଏନବିଟି) | | ୨୮.୦୨.୦୯ – ୦୮.୦୩.୦୯ |

# ସାହିତ୍ୟ ବିଳାସ ନୁହେଁ, ତପସ୍ୟା

## ଝାରସୁଗୁଡ଼ାରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ପାଳିତ

ଲେଖି କରି କବିହେବା ଲୋକଙ୍କ ସଂଖ୍ୟା କମ୍ ନୁହେଁ। ମାତ୍ର ଯିଏ ନିଜ ହୃଦୟକୁ ଅରଣ୍ୟରେ ପରିଣତ କରି ହୃଦୟର ସହ ଅନ୍ୟକୁ ଭଲ ପାଇବାର ଧର୍ମକୁ ପାଳନ କରେ ସେ ହିଁ ପ୍ରକୃତ କବି। ସାହିତ୍ୟକୁ ବିଳାସ ଭାବେ ଗ୍ରହଣ କରନ୍ତୁ ନାହିଁ । ଏହା ଏକ ତପସ୍ୟା। ଅନୁଶାସନ, ଶାଳୀନତା ରକ୍ଷା କରି ମିଥ୍ୟା, ଈର୍ଷା ବିନା ସାହିତ୍ୟର ସର୍ଜନା ବିଶ୍ୱ କଲ୍ୟାଣକାରୀ ହେବ ବୋଲି ଯୁବକବି, ଲେଖକ, ସାହିତ୍ୟିକମାନଙ୍କୁ ବିଦ୍ୟାବାଚସ୍ପତି ପଦ୍ମଶ୍ରୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତା ଆହ୍ୱାନ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବକାଶରେ ତା ୪.୧.୦୯ରିଖରେ ଝାରସୁଗୁଡ଼ାସ୍ଥିତ ମନମୋହନ ବିଦ୍ୟାଳୟସ୍ଥିତ ଦୁଲ୍‌ଦୁଲି ମଣ୍ଡପଠାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡକ୍ଟର ଉଦ୍‌ଗାତା ମିତ୍ରପଣ ଧର୍ମ ଦୁନିଆର ସମସ୍ତ ଧର୍ମଠାରୁ ଊର୍ଦ୍ଧ୍ୱରେ ବୋଲି ମତବ୍ୟକ୍ତ କରି କୌଣସି ପଦାଧିକାରୀ ବ୍ୟକ୍ତିଙ୍କ ମଧ୍ୟରେ ଆସନର ଅଳଙ୍କାର ନୁହେଁ ବରଂ ଅନୁରାଗ ରହିବା ଆବଶ୍ୟକ ବୋଲି କହିଥିଲେ। ସାମ୍ପ୍ରତିକ ସମାଜରେ ଓଡ଼ିଆଙ୍କ ମଧ୍ୟରେ ପଠନ ପ୍ରବୃତ୍ତି ହ୍ରାସ ଓଡ଼ିଆ ସାହିତ୍ୟ ପାଇଁ ସଙ୍କଟ ସୃଷ୍ଟି କରିଛି। ପୁସ୍ତକ ପ୍ରକାଶନ ଏବଂ ବ୍ୟବସାୟ ହ୍ରାସ ଯୋଗୁଁ ପ୍ରକାଶନ ଶିଳ୍ପକୁ ବଞ୍ଚାଇ ରଖିବା କଷ୍ଟକର। କବି, ଲେଖକଙ୍କ ହୃଦୟର ଆବେଗ ତାଙ୍କ କବିତା, ଗଳ୍ପରେ ଯେମିତି ପ୍ରସ୍ଫୁଟିତ ହୁଏ ତାହା ଟିଭି କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ ଅସମ୍ଭବ। ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ଡକୁମେଣ୍ଟାରୀ କଦାପି ପୁସ୍ତକର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ଜିଲ୍ଲାସ୍ତରୀୟ ସୁବର୍ଣ୍ଣ ଜୟନ୍ତୀ ପାଳନ ସଭାର ଅଧ୍ୟକ୍ଷ ଡକ୍ଟର ହୁସେନ ରବି ଗାନ୍ଧୀ ମତବ୍ୟକ୍ତ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ କିଶୋର ମହାନ୍ତି ଝାରସୁଗୁଡ଼ାରେ ସାହିତ୍ୟାନୁରାଗୀଙ୍କ ପ୍ରୟାସରେ ଆଗାମୀ ଦିନରେ ବିଭିନ୍ନ ସାରସ୍ୱତ ସମାରୋହର ଆୟୋଜନ କରି ସାହିତ୍ୟ ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିର ଉଦ୍ୟମ କରାଯିବ ବୋଲି କହିଥିଲେ। ସାରସ୍ୱତ ସାଧନା ଏବଂ ଆଧ୍ୟାତ୍ମିକ ଚେତନା ବିନା ମଣିଷ ଜୀବନ ଅସମ୍ପୂର୍ଣ୍ଣ। ମାନବବାଦ ବିନା ସାହିତ୍ୟର ସଂରଚନା ମୂଲ୍ୟହୀନ ବୋଲି ଉତ୍ସବରେ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା କହିଥିଲେ। ଏହି ସମାବେଶରେ ବରିଷ୍ଠ କଥାକାର ଶ୍ରୀ ଜଗଦୀଶ ମହାନ୍ତି ଆଲୋଚକ ଭାବରେ ଯୋଗଦାନ କରି ହୀରାକୁଦ ବିସ୍ଥାପିତଙ୍କ ଉପରେ ଶ୍ରଦ୍ଧାକର ସୂପକାରଙ୍କ ବିଲେଇ ଗଛ ଗପ ବ୍ୟତୀତ ଅନ୍ୟ କୌଣସି ରଚନାରେ ସେମାନଙ୍କର ଜୀବନ ଯନ୍ତ୍ରଣା ସଠିକ ଭାବରେ ପ୍ରତିଫଳିତ ହୋଇ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାରୁ କବି ରାଜେନ୍ଦ୍ର କିଶୋର ପଣ୍ଡା, ବିନୋଦ ଚନ୍ଦ୍ର ନାୟକ, ଗୌନ୍ତିଆ ମହମ୍ମଦ ଜମିଉଲ୍ଲା, କୁମାର ହସନ, ସରୋଜିନୀ ଷଡଙ୍ଗୀ, ଦୁର୍ଯ୍ୟୋଧନ ଦାଶ, ପ୍ରଦୀପ ପଣ୍ଡା, କ୍ଷୀରୋଦ କୁଅଁର, ରମେଶ ତ୍ରିପାଠୀ ଆଦି ବହୁ କବି, ଲେଖକ ତାଙ୍କର ଲେଖନୀ ଦ୍ୱାରା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ଜନତାର ବନ୍ଧୁ, ସମ୍ବର୍ତ୍ତକ ଆଦି ପତ୍ରିକାର ଅବଦାନ ମଧ୍ୟ ଓଡ଼ିଆ ସାହିତ୍ୟ ପାଇଁ କିଛି କମ୍ ନୁହେଁ ବୋଲି କହିଥିଲେ। ବସ୍ତୁବାଦୀ ଦୁନିଆରେ ମଣିଷ ସମାଜ ପାଇଁ ସାହିତ୍ୟ ପ୍ରକୃତ ଦିଗଦର୍ଶକ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀକାନ୍ତ ସାହୁ ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ସାହିତ୍ୟିକ ଗୌରୀଦାସ ପଧାନ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ବର୍ଷୀୟାନ ପ୍ରାବନ୍ଧିକ ଶ୍ରୀ ମଙ୍ଗଲୁ ଚରଣ ବିଶ୍ୱାଳ ଜିଲ୍ଲାର ସାହିତ୍ୟିକଙ୍କ କୃତି ଏବଂ ଅବଦାନ ଉପରେ ଆଲୋଚନା କରିଥିଲେ। ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ରାୟ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶ୍ରୀ ତାପସ ରାୟ ଚୌଧୁରୀ ସ୍ୱାଗତ ଅଭିଭାଷଣ ଏବଂ ଶ୍ରୀ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କବି ପ୍ରଦୀପ ପଣ୍ଡାଙ୍କ କବିତା ସଂକଳନ 'ସମୁଦ୍ର ଫମୁଦ୍ର ସବୁ କିମ୍ବଦନ୍ତୀ କଥା'କୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଅପରାହ୍ଣରେ ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅମୃତ ସାଗର ବିନ୍ଦୁ ପ୍ରଫେସର ଦୁଃଖିରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତ ଏବଂ ସୃଷ୍ଟିଶ୍ରୀ ନାୟକ ସଂଯୋଜନା କରିଥିଲେ । କବି ଦୁର୍ଗା ପଣ୍ଡା, ଗୌନ୍ତିଆ ମହମ୍ମଦ ଜମିଉଲ୍ଲା, କ୍ଷୀରୋଦ କୁଅଁର, ଅନିଲ ଦାସ, ରାମକୃଷ୍ଣ ସାହୁ ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ କବି ଭାଗ ନେଇଥିଲେ ।

## ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ବିୟୋଗରେ ଏକାଡେମୀର ଶ୍ରଦ୍ଧାଞ୍ଜଳି

ପ୍ରଖ୍ୟାତ ନୃତ୍ୟ ଗବେଷକ, ଲେଖକ ଓ ଉପେନ୍ଦ୍ରଭଞ୍ଜ ପୁରସ୍କାର ପ୍ରାପ୍ତ ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କର ତା ୧.୧.୦୯ରିଖରେ କଟକସ୍ଥିତ ତାଙ୍କ ବାସଭବନରେ ବିୟୋଗ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଶ୍ରୀ ପଟ୍ଟନାୟକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ଓ ସଭାପତି ରୂପେ ବହୁ କାଳ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶାର କଳା, ସାହିତ୍ୟ ତଥା ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ଅପୂରଣୀୟ ହୋଇ ରହିବ ବୋଲି ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ ପ୍ରକାଶ କରି ଏକାଡେମୀ ପକ୍ଷରୁ ଶ୍ରୀ ପଟ୍ଟନାୟକଙ୍କୁ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ପ୍ରବୀଣ ଲେଖକଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭକ୍ତିପୂତ ନୈବେଦ୍ୟ ଅର୍ପଣ କରାଯିବା ସହିତ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା ।

## ଅନୁବାଦକ ସୁଶୀଳ କୁମାର ଦାସଙ୍କ ବିୟୋଗ

ବିଶିଷ୍ଟ ପ୍ରଶାସକ ତଥା ଅନୁବାଦକ ସଂସ୍କୃତବିତ୍ ସୁଶୀଳ କୁମାର ଦାସଙ୍କର ତା ୧୯.୨.୨୦୦୯ ରିଖରେ ଭୁବନେଶ୍ୱର ଠାରେ ବିୟୋଗ ଘଟିଛି। ସେ ଭାରତୀୟ ପ୍ରଶାସନିକ ସେବାରୁ ଅବସର ଗ୍ରହଣ କରି ଭୁବନେଶ୍ୱରସ୍ଥ କପିଳପ୍ରସାଦଠାରେ ଅବସ୍ଥାପନ କରୁଥିଲେ । ସଂସ୍କୃତ ସାହିତ୍ୟରୁ ଅନେକ ଗ୍ରନ୍ଥ ସେ ଓଡ଼ିଆ ଭାଷାରେ ଅନୁବାଦ କରି ଯଶସ୍ୱୀ ହୋଇଛନ୍ତି । ତନ୍ମଧ୍ୟରୁ ଶ୍ରୀମଦ୍ ଭାଗବତ ଶ୍ରୀଧର ସ୍ୱାମୀ ଟୀକାର ଗଦ୍ୟାନୁବାଦ ଅନ୍ୟତମ। ଏହି ଗ୍ରନ୍ଥ ଷୋହଳ ଖଣ୍ଡରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶ ପାଇ ଅଶେଷ ଲୋକପ୍ରିୟତା ହାସଲ କରିପାରିଛି। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଣେ ସୁଯୋଗ୍ୟ ଅନୁବାଦକ ତଥା ସଂସ୍କୃତବିତଙ୍କୁ ହରାଇଲା। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶୋକ ସଭା ଆୟୋଜନ କରିଥିଲେ।

## ସାହିତ୍ୟିକ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପରଲୋକ

ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଓ ସମବାୟ ଆନ୍ଦୋଳନର ପ୍ରମୁଖ ନେତା ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ଇହଲୀଳା ସମ୍ବରଣ କରିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ତା ୧୨.୨.୨୦୦୯ରିଖରେ ଭୁବନେଶ୍ୱରସ୍ଥ କଳିଙ୍ଗ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ୧୯୪୦ ମସିହା ନଭେମ୍ବର ୨୯ ତାରିଖ ଦିନ ପୁରୀରେ ଜନ୍ମଗ୍ରହଣ କରିଥିବା ପ୍ରଫୁଲ୍ଲ ପଟ୍ଟନାୟକ ଦୀର୍ଘ ୩୫ ବର୍ଷ ଧରି ସାରସ୍ୱତ ସାଧନା କରିଥିଲେ। ତାଙ୍କର ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ କବିତା ସଂକଳନ 'ସୂର୍ଯ୍ୟ ଚନ୍ଦ୍ର ତାରା', ପ୍ରବନ୍ଧ ସଂକଳନ 'ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ' ଏବଂ 'ଶ୍ରୀକ୍ଷେତ୍ର ସୌରଭ' ଆଦି ଅନ୍ତର୍ଭୁକ୍ତ। ସାମଗ୍ରିକ ସାହିତ୍ୟ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସମ୍ବର୍ଦ୍ଧନା ବ୍ୟତୀତ ଅନେକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବହୁ ସମ୍ମାନ ଓ ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା।

## ବଳରାମ ଜଗନ୍ନାଥଙ୍କ ମନର ଅଭିବ୍ୟକ୍ତିକୁ ହିଁ ପ୍ରକାଶ କରିପାରୁଥିଲେ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ସନ୍ଥକବି ବଳରାମ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅବସରରେ ତା ୨୬.୦୧.୦୯ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଏରବଙ୍ଗସ୍ଥ ବଳରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିମାନେ ଜୟନ୍ତୀ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ବଳରାମ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭକ୍ତ ବଳରାମ ଦାସ ସ୍ମୃତି ସଂସଦର ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ସେନାପତି ଅତିଥିମାନଙ୍କର ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଶ୍ରୀ ହଟକିଶୋର ସ୍ୱାଇଁ ବଳରାମ ଦାସଙ୍କର ବିଭିନ୍ନ ସାଧନାମାର୍ଗ ପ୍ରତି ଥିବା ଆତ୍ମୀୟତା ଉପରେ ବିଶଦ ଆଲୋଚନା କରିଥିଲେ। ସମ୍ମାନନୀୟ ବକ୍ତା ଶ୍ରୀମତୀ ଚିନ୍ମୟୀ ସ୍ୱାଇଁ ଓ ନମିତା ଚାନ୍ଦ ଭକ୍ତକବି କିପରି ଜଗନ୍ନାଥଙ୍କ ସଖା, ସୋଦର, ସେବକ ତଥା ଭକ୍ତ ଭାବରେ ନିଜକୁ ପରିଚିତ କରି ଜଗନ୍ନାଥଙ୍କ ପ୍ରତି ତାଙ୍କର ଯେଉଁ ଆତ୍ମସମର୍ପଣ ଭାବ ରହିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଡକ୍ଟର ରବୀନ୍ଦ୍ର ବିହାରୀ ମହାପୁରୁଷ ବଳରାମ ଦାସ କିପରି ସତ୍ୟ, ଅହିଂସା, ପରୋପକାର, ବିନୟ ପ୍ରଭୃତି ସଦ୍‌ଗୁଣରେ ବିଭୂଷିତ ହୋଇ ନିଜେ ଜଣେ ମହନୀୟ ଓ ଆଦର୍ଶ ବ୍ୟକ୍ତିତ୍ୱ ଭାବରେ ବହୁ ଗ୍ରନ୍ଥ ଯଥା – ଜଗମୋହନ ରାମାୟଣ, ଲକ୍ଷ୍ମୀ ପୁରାଣ, ବ୍ରହ୍ମାଣ୍ଡ ଭୂଗୋଳ ଆଦି ରଚନା କରିପାରିଥିଲେ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଶ୍ରୀ ଗୋପୀନାଥ ମୁଦୁଲି କବିଙ୍କ ରଚିତ ଗ୍ରନ୍ଥମାନଙ୍କରୁ କିଛି ପଂକ୍ତି ଉଧାର କରି ସେଠାରେ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଶ୍ରୀ ବାଇଧର ମଲ୍ଲିକ ଭକ୍ତ କବିଙ୍କର ଜୀବନାଦର୍ଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ତାଙ୍କ




ଜନ୍ମସ୍ଥାନରେ ବହୁ ଗଠନମୂଳକ କାର୍ଯ୍ୟ ହେବା ଦିଗରେ ବିହିତ ପଦକ୍ଷେପମାନ ନିଆଯିବା ପାଇଁ ନିଜର ଭାଷଣ ପ୍ରସଙ୍ଗରେ ସୂଚାଇ ଥିଲେ। ଶ୍ରାଦ୍ଧୋତ୍ସବରେ ପୌରୋହିତ୍ୟ କରୁଥିବା ଏକାଡେମୀର ଉପସଭାପତି ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଦାସବର୍ମା ତାଙ୍କର ଅଭିଭାଷଣରେ ଭକ୍ତକବିଙ୍କ ଉପରେ ଆଲୋଚନା କରିଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭକ୍ତକବିଙ୍କର ସାମାଜିକ ଓ ସାଂସ୍କୃତିକ ବିଭବ ଉପରେ ଆଲୋଚନା କରିଥିଲେ। ପରିଶେଷରେ ଭକ୍ତ ବଳରାମ ଦାସ ସଂସ୍କୃତି ସଂସଦର ଉପସଭାପତି ଶ୍ରୀ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ୨୦୦୫ ଓ ୨୦୦୬ ବର୍ଷର

## ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ

୨୦୦୫ ଓ ୨୦୦୬ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ ହୋଇଛି। ଭୁବନେଶ୍ୱରସ୍ଥ ଏକାଡେମୀ କାର୍ଯ୍ୟାଳୟରେ ତା ୨୧.୧.୨୦୦୯ରିଖ ଦିନ ସଭାପତି ଡଃ ହୁସେନ୍ ରବି ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ଓଡ଼ିଆ ସାହିତ୍ୟର ନଅଗୋଟି ବିଭାଗ ପାଇଁ ପୁରସ୍କୃତ ବିଭିନ୍ନ ପୁସ୍ତକର ଲେଖକଙ୍କ ନାମ ଘୋଷଣା କରାଯାଇଥିଲା। ୨୦୦୫ ମସିହା ପାଇଁ ଇଂ ସୁରେନ୍ଦ୍ର ନାୟକ (ଉପନ୍ୟାସ, ବିବର୍ଣ୍ଣ ପୃଥିବୀ), ଦେବବ୍ରତ ମଦନରାୟ (କ୍ଷୁଦ୍ରଗଳ୍ପ, ସହଯାତ୍ରୀ), ଅମରେଶ ପଟ୍ଟନାୟକ (କାବ୍ୟକବିତା, ଆକାଶି ମଣିଷ), ଭାସ୍କର ଚନ୍ଦ୍ର ମହାପାତ୍ର(ନାଟକ ଓ ଏକାଙ୍କିକା, ପକ୍ଷୀ), ରାଇଚରଣ ଦାସ (ପ୍ରବନ୍ଧ ଓ ସମାଲୋଚନା, ଏକବିଂଶ ଶତାବ୍ଦୀର ସାହିତ୍ୟ), ଶରତଚନ୍ଦ୍ର ମିଶ୍ର (ଜୀବନୀ ଓ ଭ୍ରମଣ ସାହିତ୍ୟ, ଜୀବନର ପଥପ୍ରାନ୍ତେ), ସୌଦାମିନୀ ଉଦ୍‌ଗାତା (ଅନୁବାଦ, ସମାଧି ହେବିନି ଆଉ...), ସୁନାମଣି ରାଉତ (ଶିଶୁ ସାହିତ୍ୟ, କିଚିରି ମିଚିରି ଚିଁ), ସୁବାସ କର (ଗୀତିକବିତା, ବାଦୁଆ ନଈ) ପୁରସ୍କାର ପାଇବେ।୨୦୦୬ ମସିହା ପାଇଁ ପରେଶ କୁମାର ପଟ୍ଟନାୟକ (ଉପନ୍ୟାସ, ଶୋକ ଦିବସ), ପାରମିତା ଶତପଥୀ (କ୍ଷୁଦ୍ରଗଳ୍ପ, ବିରଳ ରୂପକ), ଗିରିଜାକୁମାର ବଳୀୟାରସିଂହ (କାବ୍ୟକବିତା, ଭାରତବର୍ଷ), ଡଃ ଗଗନେନ୍ଦ୍ରନାଥ ଦାଶ (ପ୍ରବନ୍ଧ ଓ ସମାଲୋଚନା, ନିର୍ବାଚିତ ପ୍ରବନ୍ଧ ସଙ୍କଳନ), ଡକ୍ଟର ବାସୁଦେବ ସାହୁ (ଜୀବନ ଓ ଭ୍ରମଣ ସାହିତ୍ୟ, ଆମେରିକାରେ କିଛିଦିନ), କୁମାର ହସନ୍ (ଅନୁବାଦ, କୁର୍‌ରତୁଲ-ଐନ-ହୈଦରଙ୍କ ନିର୍ବାଚିତ କାହାଣୀ), ମାଳାକାର (ଶିଶୁ ସାହିତ୍ୟ, ମାଣିକ), ପ୍ରଫୁଲ୍ଲ କର (ଗୀତିକବିତା, କୃପାଜଳ) ଏବଂ ନାଟକ ଓ ଏକାଙ୍କିକା ବିଭାଗ ପାଇଁ ଯୁଗ୍ମ ଭାବେ ଡାକ୍ତର ଶୈଳେଶ୍ୱର ନନ୍ଦ (କଲ୍ଲୋଳେ କଲ୍ଲୋଳ) ଓ ସୁଧାକର ନନ୍ଦ (ସମ୍ଭବାମି ଯୁଗେଯୁଗେ)ଙ୍କ ନାମ ଘୋଷଣା କରାଯାଇଛି। ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କୃତୀ ସାହିତ୍ୟିକମାନଙ୍କୁ ନଗଦ ରାଶି, ମାନପତ୍ର ଓ ଉପଢୌକନରେ ସମ୍ମାନିତ କରାଯିବ ।

# ଓଡ଼ିଆ ଭାଷା ଚର୍ଚ୍ଚାରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ



## କଟକରେ ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ

ଶୁଦ୍ଧ ଭାଷା ହିଁ ସାହିତ୍ୟକୁ ବଳିଷ୍ଠ କରିଥାଏ । ଆଜି ନୂଆ କରିବାର ମୋହ ସମସ୍ତଙ୍କୁ ଘାରିଛି। ନୂତନ ସୃଷ୍ଟିର ଆବଶ୍ୟକତାକୁ ଏଡ଼ାଯାଇ ନପାରେ। ମାତ୍ର ନୂତନ ସୃଷ୍ଟି କରିବାକୁ ଯାଇ ମାତୃଭାଷାକୁ କ୍ଷତବିକ୍ଷତ କରିବା ଅନୁଚିତ ବୋଲି ବର୍ଷିୟାନ କବୟିତ୍ରୀ ମନୋରମା ମହାପାତ୍ର ମତ ପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ତା୨୩.୦୧.୨୦୦୯ରିଖରେ କଟକସ୍ଥିତ ଟାଉନହଲଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ସାରସ୍ୱତ ପ୍ରାଣକେନ୍ଦ୍ର ରୂପେ ପରିଚିତ କଟକ ସହର ଆଜିଯାଏଁ ଓଡ଼ିଆ ଭାଷା ଓ ସାହିତ୍ୟର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଛି। ସାହିତ୍ୟର ନବଜାଗରଣ, (ରେନାସାଁ) ପର୍ବରେ କଟକ ଜିଲ୍ଲାର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୁସେନ୍ ରବି ଗାନ୍ଧୀ ଏହି ସଭାରେ ପୌରୋହିତ୍ୟ କରିଥିବାବେଳେ ସଚିବ ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ କଟକ ଜିଲ୍ଲାର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଜିଲ୍ଲା ଆମ ସାହିତ୍ୟର ଦିଗବାରେଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ତାଙ୍କ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ପଦ୍ମଶ୍ରୀ ଶ୍ରୀ ଜୟନ୍ତ ମହାପାତ୍ର ସଭାକୁ ଉଦ୍‌ଘାଟନ କରି ତାଙ୍କ ରଚନାର ଖୋରାକ ସେ ଏହି କଟକ ସହରରୁ ପାଇଛନ୍ତି ବୋଲି କହିଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଶ୍ରୀ ଅନ୍ନଦା ପ୍ରସାଦ ରାୟ ଓ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ରଥ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ସମ୍ମିଳିତ ଉଦ୍ୟମ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏହି ସଭାରେ ଅଧ୍ୟାପକ ଡକ୍ଟର ବିଜୟାନନ୍ଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡକ୍ଟର ନିଳିମା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିବସ ତା ୨୪.୧.୨୦୦୯ରିଖରେ ଆୟୋଜିତ ସଭାକୁ ପ୍ରଫେସର ଡକ୍ଟର ବୈଷ୍ଣବଚରଣ ସାମଲ ଉଦ୍‌ଘାଟନ କରି ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ନବଜାଗରଣ ପର୍ବରେ କଟକ ଜିଲ୍ଲାର ଅବଦାନ ବିଷୟରେ ଆଲୋଚନା କରି ଡକ୍ଟର ସାମଲ କହିଲେ ଯେ ଓଡ଼ିଶାରେ ହୋଇଥିବା ଭାଷା ବିପ୍ଳବର ପ୍ରାଣକେନ୍ଦ୍ର କଟକ ଥିଲା ଏବଂ ଭାଷା ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ କଟକ ରହିବ ମଧ୍ୟ । ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଆଉ ଏକ ନବଜାଗରଣ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୁସେନ୍ ରବି ଗାନ୍ଧୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଲେଖକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ପାଠକ ସଂଖ୍ୟା କମିଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟତମ ଆଲୋଚକ ଭାବେ ଶ୍ରୀ ବିଜୟ କୁମାର ପଢ଼ିଆରୀ ବର୍ଷକର ଗୋଟିଏ ଦିନକୁ ଓଡ଼ିଆ ଭାଷାର ଦିନ ରୂପେ ନିର୍ଦ୍ଧାରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏକାଡେମୀର ସଚିବ ଡକ୍ଟର ହରପ୍ରସାଦ ପରିଚ୍ଛା ପଟନାୟକ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିବାବେଳେ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ । କବିତା ପାଠୋତ୍ସବର ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ର ଯୋଗଦେଇଥିଲେ। ଏଥିରେ ଶ୍ରୀ ଅମରେଶ ପଟ୍ଟନାୟକ ପୌରୋହିତ୍ୟ କରିଥିବାବେଳେ ସଂଯୋଜିକା ଡକ୍ଟର ନିଳିମା ପ୍ରିୟଦର୍ଶିନୀ ଓ ସଂଯୋଜକ ଡାକ୍ତର ଅମୀୟରଞ୍ଜନ ମହାପାତ୍ର କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ । ଶେଷରେ କବି ଶ୍ରୀ ସୁବ୍ରତ ପ୍ରିୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମସୁନ୍ଦର କେବଳ ପ୍ରବନ୍ଧରେ ସୀମିତ ନୁହନ୍ତି

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ଶ୍ୱେତପଦ୍ମା, ଶ୍ୟାମସୁନ୍ଦର ବିଦ୍ୟାଳୟ କମିଟି ଓ ଶ୍ୟାମସୁନ୍ଦର ସ୍ମୃତି କମିଟିଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଏକାଡେମୀ ସଦସ୍ୟା ଶ୍ରୀମତୀ ସୌଦାମିନୀ ମିଶ୍ରଙ୍କ ପୌରୋହିତ୍ୟରେ ପାରଳାଖେମୁଣ୍ଡିସ୍ଥ ଶ୍ୟାମସୁନ୍ଦର ରାଜଗୁରୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ତା ୧୨.୨.୨୦୦୯ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଏକାଡେମୀ କାର୍ଯ୍ୟକାରୀ ପରିଷଦର ବରିଷ୍ଠ ସଦସ୍ୟ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ୱର୍ଗତ ରାଜଗୁରୁଙ୍କ ପ୍ରତିଭାର ବିଭିନ୍ନ ଦିଗ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ତାଙ୍କୁ କେବଳ ପ୍ରବନ୍ଧାବଳୀ ମଧ୍ୟରେ ସୀମିତ କରି ଦିଆଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ଯେ ସମଗ୍ର ଭାରତ ବର୍ଷରେ ଓଡ଼ିଶାକୁ ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ରାଜଗୁରୁଙ୍କ



ଭୂମିକା ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ବିଶିଷ୍ଟ ଭଦ୍ରବ୍ୟକ୍ତି, କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଙ୍ଗନାଥ ମିଶ୍ର, ଏକାଡେମୀର ପୂର୍ବତନ ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପାରଳାଖେମୁଣ୍ଡି ମ୍ୟୁନିସିପାଲଟିର ଅଧ୍ୟକ୍ଷ ପ୍ରମୁଖ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏଥିରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଡକ୍ଟର କାହ୍ନୁଚରଣ ପାଢ଼ୀ।

# ସନ୍ଥକବି ଭୀମଭୋଇଙ୍କ ରଚନା ବିଶ୍ୱ ସାହିତ୍ୟ ସମାସ୍କନ୍ଦ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦ, ସୁବର୍ଣ୍ଣପୁରଙ୍କ ମିଳିତ ଆନୁକୂଲ୍ୟରେ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ କେଦାର ମିଶ୍ରଙ୍କ ପୌରୋହିତ୍ୟରେ ତା ୨୪.୨.୦୯ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ସୁବର୍ଣ୍ଣପୁରସ୍ଥ ଡ଼ି.ଆର.ଡ଼ି.ଏ ସଭାଗୃହଠାରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଅଛି। ଏହି ଉତ୍ସବରେ ଡକ୍ଟର ଉଦ୍ଧବ ଚରଣ ନାୟକ ସମ୍ମାନନୀୟ ବକ୍ତାଭାବରେ ଯୋଗଦାନ କରି କହିଲେ ଯେ, ଭୀମଭୋଇ ନଥିଲେ ସାରା ପୃଥିବୀରେ ମହିମାଧର୍ମ ବୋଲି କେହି ଜାଣି



ନଥାନ୍ତେ । ସନ୍ଥକବି ସମାଜ ଓ ସମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ସର୍ବଦା ଚେଷ୍ଟା ଚଳାଇଥିଲେ। ମୁଖ୍ୟବକ୍ତା ଡକ୍ଟର ଗୌରାଙ୍ଗ ଚରଣ ଦାସ କହିଲେ ଭୀମ ଭୋଇଙ୍କର ଏକେଶ୍ୱର ବ୍ରହ୍ମପ୍ରତି ବିଶ୍ୱାସ ଥିଲା। ସେ ଜଣେ ବିପ୍ଳବୀ ସାଧକ ଥିଲେ ଏବଂ କୁସଂସ୍କାର ଅନ୍ଧ ବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସଭାପତିୟ ଅଭିଭାଷଣରେ କବି କେଦାର ମିଶ୍ର ସନ୍ଥ କବି ଭୀମଭୋଇଙ୍କୁ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ସଂସ୍କାରବାଦୀ କବି ଭାବରେ ଅଭିହିତ କରି ତାଙ୍କ ରଚନାର ବୈଶିଷ୍ଟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ସୋନପୁର ଜିଲ୍ଲାର ଜିଲ୍ଲାପାଳ ଶ୍ରୀମତୀ ଆଶ୍ୱତୀ.ଏସ. ଭୀମଭୋଇଙ୍କୁ ଆଧୁନିକ ସମାଜର ଜଣେ ମାର୍ଗଦର୍ଶକ ଭାବରେ ଅଭିହିତ କରିବା ସହ ସେ ଜଣେ ଆନ୍ତର୍ଜାତିକ ସ୍ତରର କବି ବୋଲି ବର୍ଣ୍ଣନା କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ : ୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ୍ : orissasahityaakademi@rediffmail.com
ୱେବ୍ ସାଇଟ୍ : www.orissasahityaakademi.org

ସଂପାଦନା :
ରବି ରାୟ
*ପ୍ରଯୋଜନା ଅଧିକାରୀ*

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ, ମୁଦ୍ରଣ : କଲ୍ୟାଣୀ ପ୍ରେସ୍ , ବି.ଜେ.ବି.ନଗର, ଭୁବନେଶ୍ୱର -୧୪